## ଜବରଦଖଲ ଉଚ୍ଛେଦ

ବ୍ରହ୍ମପୁର ଅଫିସ: ବ୍ରହ୍ମପୁର ମହାନଗର ନିଗମ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଶୁକ୍ରବାର ଇଞ୍ଜିନିୟରିଂ ସ୍କୁଲ ରୋଡ଼ଠାରୁ ଲିଙ୍ଗରାଜ ଆଇନ୍ ମହାବିଦ୍ୟାଳୟ ଯାଏ ଜବରଦଖଲ ଉଚ୍ଛେଦ କରାଯାଇଛି। ଏହି ରାସ୍ତାରେ ଥିବା ପ୍ରାୟ ୫୦ଟି ବେଆଇନ୍ ଦୋକାନ ଭଙ୍ଗାଯାଇଛି। ଦୀର୍ଘଦିନ ବ୍ୟବସାୟୀମାନେ ଏହି ରାସ୍ତା ଜବରଦଖଲ କରି ବ୍ୟବସାୟ କରିଆସୁଥିଲେ ବୋଲି ଏନ୍‌ଫୋର୍ସମେଣ୍ଟ ଟିମ୍ ଅଧିକାରୀ ତରୁଣକାନ୍ତ ସୂଚନା ଦେଇଛନ୍ତି। ଏଥିସହ କୋଭିଡ୍ ସଚେତନତା ସହ ମାସ୍କ ପିନ୍ଧିବା ପାଇଁ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ସହରର ଫାଷ୍ଟଗେଟ୍ ଓ କମାପଲୀ ଅଞ୍ଚଳରେ ସଚେତନ କରାଯାଇଥିଲା। ଏଥିରେ ବିଏମ୍‌ସି ଡେପୁଟି କମିଶନର ରୋମାଞ୍ଚଳ ଖମାରୀ, ଆଶୁତୋଷ ସାମଲଙ୍କ ସମେତ ବିଏମ୍‌ସିର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## କିରାଣିଙ୍କୁ ସର୍ତ୍ତମୂଳକ ଜାମିନ

**ବ୍ରହ୍ମପୁର ଅଫିସ,୯।୪:** ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଭଞ୍ଜନଗର ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ମାନସ ରଞ୍ଜନ ଦାସଙ୍କୁ ଶୁକ୍ରବାର ସର୍ତ୍ତମୂଳକ ଜାମିନ ମିଳିଛି। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସୁବ୍ରତ ମହାନ୍ତି ତାଙ୍କୁ ଜାମିନ୍ ପ୍ରଦାନ କରିଛନ୍ତି। ଭଞ୍ଜନଗର ପ୍ରାଣୀ ଚିକିତ୍ସା ବିଭାଗର ଅବସରପ୍ରାପ୍ତ କର୍ମଚାରୀ ଜଗବନ୍ଧୁ ସେଠୀ ତାଙ୍କର ପେନସନ୍ କାଗଜ କାମ ପାଇଁ ଆବେଦନ କରିଥିଲେ। ଏଥିରେ ବରିଷ୍ଠ କିରାଣି ମାନସ ତାଙ୍କୁ ୧୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଗତ ମାସ ୨୩ ତାରିଖରେ ବରିଷ୍ଠ କିରାଣି ଉକ୍ତ ଲାଞ୍ଚ ଟଙ୍କା ଗ୍ରହଣ କରିବା ପରେ ଭିଜିଲାନ୍ସ କର୍ମଚାରୀ ତାଙ୍କୁ କାବୁ କରିଥିଲେ। ନଂ.୦୪/୨୧ରେ ତାଙ୍କୁ କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ତାଙ୍କୁ ଜାମିନ୍ ମିଳିଛି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଅଜିତ ପଟ୍ଟନାୟକ ଓ ମୁଦାଲାଙ୍କ ତରଫରୁ ପ୍ରସାଦ ପଟ୍ଟନାୟକ, ପ୍ରଦୀପ ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇଣ୍ଟରନାଲ ପରୀକ୍ଷା ଘୁଞ୍ଚାଇବାକୁ ଦାବି

**ବ୍ରହ୍ମପୁର ଅଫିସ, ୯।୪:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକ ଓ ଗଣଯୋଗାଯୋଗ ବିଭାଗର ଇଣ୍ଟରନାଲ ପରୀକ୍ଷା ଘୁଞ୍ଚାଇବା ଦାବି ନେଇ ଶୁକ୍ରବାର ବିଭାଗର ଛାତ୍ରୀଛାତ୍ରମାନେ ସ୍ନାତକୋତ୍ତର ପରିଷଦ ଅଧକ୍ଷାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଛାତ୍ରୀଛାତ୍ର ଦର୍ଶାଇଛନ୍ତି ଯେ, ବିଶ୍ୱବିଦ୍ୟାଳୟ ପକ୍ଷରୁ ଆସନ୍ତା ୧୫ରୁ ୧୭ ଯାଏ ପରୀକ୍ଷା ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ପଢ଼ା ଆରମ୍ଭ ହେବାର ଦୀର୍ଘଦିନ ପରେ ଗୁରୁବାର ଲାଇବ୍ରେରୀ କାର୍ଡ଼ ମିଳିଛି। ତେଣୁ ପରୀକ୍ଷା ତାରିଖକୁ ଘୁଞ୍ଚାଇବା ପାଇଁ ଛାତ୍ରୀଛାତ୍ର ସ୍ନାତକୋତ୍ତର ପରିଷଦ ଅଧକ୍ଷ ଅରୁନ୍ଧତି ରଥଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଶ୍ୟାମଘନ, ସତ୍ୟ ନାରାୟଣ ନାୟକ, ଜ୍ଞାନରଞ୍ଜନ ମନ୍ତ୍ରୀ ପ୍ରମୁଖ ଛାତ୍ରୀଛାତ୍ର ଦାବିପତ୍ର ଦେଇଥିଲେ।

## ଇଣ୍ଟର କ୍ଲବ କ୍ରିକେଟ ଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂ କ୍ଲବ

**ବ୍ରହ୍ମପୁର ଅଫିସ,୯।୪:** ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ଚାଲିଥିବା ଇଣ୍ଟର କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଶୁକ୍ରବାର ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଓ ଆଲଫା ସ୍ପୋର୍ଟିଂ କ୍ଲବ ମଧ୍ୟରେ ହୋଇଥିଲା। ରାମେଶ୍ୱର ସ୍ପୋର୍ଟିଂ କ୍ଲବ ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୨୧୦ ରନ କରିଥିଲା। ଆଲଫା ସ୍ପୋର୍ଟିଂ କ୍ଲବ ୧୪୩ କରି ପରାଜିତ ହୋଇଛି। ଚୁଡ଼ାମଣି ପାଢ଼ୀ, ରଜନୀକାନ୍ତ ରେଡ୍ଡି ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ସତ୍ୟନାରାୟଣ ପରିଡ଼ା ଓ ଅନୁଭବ ପଟ୍ଟନାୟକ ସ୍କୋରର ରହିଥିଲେ। ଶନିବାର ଅକ୍ସଫୋର୍ଡ଼ କ୍ରିକେଟ କ୍ଲବ ଓ ଖଲ୍ଲିକୋଟ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ହେବ।

## ବିଦ୍ୟୁତ୍ ଦର ବୃଦ୍ଧିକୁ ବିରୋଧ

**ପାରଳାଖେମୁଣ୍ଡି,୯।୪(ଡି.ଏନ୍.ଏ.):** ଗଜପତି ଜିଲା ଆବାହକ ଶିଶିର କୁମାର ଭଞ୍ଜ ସାମନ୍ତଙ୍କ ନେତୃତ୍ୱରେ ପାରଳାଖେମୁଣ୍ଡି କଲେଜ ଛକଠାରେ ବିଜୁଳି ଦର ବୃଦ୍ଧି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରତ୍ୟେକ ପରିବାରକୁ ମାସକୁ ୨୦୦ ୟୁନିଟ ମାଗଣା ବିଜୁଳି ଯୋଗାଇ ଦେବା ଓ ବର୍ଦ୍ଧିତ ଦର ପ୍ରତ୍ୟାହାର ଦାବିରେ ଜିଲାପାଳଙ୍କ ଜରିଆରେ ଶକ୍ତିମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦିଲ୍ଲୀ ସରକାର ପ୍ରତ୍ୟେକ ପରିବାରକୁ ମାସକୁ ୨୦୦ ୟୁନିଟ ମାଗଣା ବିଦ୍ୟୁତ୍ ଯୋଗାଇ ଥିବା ବେଳେ ରାଜ୍ୟରେ ବିଦ୍ୟୁତ୍ ଦର ନାଁରେ ଲୋକଙ୍କୁ ଶୋଷଣା କରାଯାଉଛି ବୋଲି ଜିଲା ଆବାହକ ଶିଶିର କହିଛନ୍ତି। ଜିଲା ମହିଳା ସଭାପତି ଶୈଳବାଳା ପଣ୍ଡା, କିଶୋର ଚନ୍ଦ୍ର ଗୁରୁ, ଦେବେନ୍ଦ୍ରନାଥ ଜମାଦାର, ଲିଙ୍ଗରାଜ ପାଣିଗ୍ରାହୀ, ଲୋଗୋସ ଦାସ ବର୍ଦ୍ଧନ, ଲୋକନାଥ ଭୁକ୍ତା, ଲୁସେନ୍ୟ ଗମାଙ୍ଗ, ଶେଖ ମୋଜିବ, ପୋନ୍ଧୁରୁ କୁମାର, ସଚିଦାନନ୍ଦ ପଣ୍ଡିତ, ମାଳତୀ ଜେନା, କୋଟେଶ୍ୱର ରାଓ, ସମୀର ମିସାଲ, ମଧୁ ଖିଙ୍ଗାଲ ପ୍ରମୁଖ ଆନ୍ଦୋଳନରେ ଯୋଗଦେଇଥିଲେ।

# ଅସ୍ଥାୟୀ ମଣ୍ଡପରେ ମା’

## ମା’ ବୁଢ଼ୀ ଠାକୁରାଣୀ ଯାତ୍ରା ଆରମ୍ଭ

**ବ୍ରହ୍ମପୁର ଅଫିସ୍,୯।୪**

ବ୍ରହ୍ମପୁରର ଅଧିଷ୍ଠାତ୍ରୀ ଦେବୀ ମା’ ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ମା’ ନିଜସ୍ୱ ମନ୍ଦିରରୁ ବାପଘର ଅଭିମୁଖେ ଆସିଛନ୍ତି। ବାପଘର କୁହାଯାଉଥିବା ପି. ଦୁର୍ଗାପ୍ରସାଦ ଦେଶୀବେହେରାଙ୍କ ବାସଭବନ ଆଗରେ ନିର୍ମିତ ଅସ୍ଥାୟୀ ମଣ୍ଡପରେ ମା’ଙ୍କ ଆଜ୍ଞାପ୍ରକାରେ ତାଙ୍କ ଘଟକୁ ବିଳମ୍ବିତ ରାତିରେ ଆଣି ସ୍ଥାପନା କରାଯାଇଛି। ଚଳିତଥର ମହାମାରୀ କରୋନାକୁ ନେଇ କଟକଣା ମଧ୍ୟରେ ଯାତ୍ରା ହେଉଛି। ଅଧିକ ଗହଳି ଯେଭଳି ନ ହେବ ଜିଲା ପ୍ରଶାସନର ନିର୍ଦ୍ଦେଶପ୍ରକାରେ ଶୁକ୍ରବାର ସନ୍ଧ୍ୟା ୬ରୁ ଦେଶୀ ବେହେରା ସାହିଠାରୁ ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ରାସ୍ତା ପର୍ଯ୍ୟନ୍ତ ୧୪୪ ଧାରା ଜାରି କରାଯାଇଛି। ସନ୍ଧ୍ୟା ପୂର୍ବରୁ ପୋଲିସ୍ ପାଟ୍ରୋଲିଂ ଜରିଆରେ ଦୋକାନ ବଜାର ଗୁଡ଼ିକୁ ବନ୍ଦ କରାଯାଇଥିଲା। ଶନିବାର ସକାଳ ୬ଟା ଯାଏ ୧୪୪ ଧାରା ଜାରି ରହିବ।

ଶୁକ୍ରବାର ମା’ଙ୍କ ନିଜସ୍ୱ ମନ୍ଦିରକୁ ଫୁଲରେ ସାଜସଜ୍ଜା ଯାଇଥିଲା। ରୀତିନୀତି ଅନୁଯାୟୀ ସମସ୍ତ ପୂଜା ସମ୍ପାଦିତ ହୋଇଥିଲା। ପରମ୍ପରା ଅନୁଯାୟୀ ଯାତ୍ରା ପରିଚାଳକ ତଥା ମା’ଙ୍କ ବାପା କୁହାଯାଉଥିବା ପି. ଦୁର୍ଗା ପ୍ରସାଦ ଦେଶୀ ବେହେରା ଓ ସ୍ତ୍ରୀ ପି.ଦେବକୀ ମା’ ବୁଢ଼ୀ ଠାକୁରାଣୀଙ୍କ ନିଜସ୍ୱ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ସହ ଘରକୁ ଆସିବା ପାଇଁ ନିମନ୍ତ୍ରଣ କରିଥିଲେ। ଏହାପରେ ସେମାନେ ସାନ ଠାକୁରାଣୀଙ୍କ ମନ୍ଦିରକୁ ଯାଇ ମଧୁପୂଜା କରି ତାଙ୍କୁ ମଧ ଘରକୁ ଆମନ୍ତ୍ରଣ କରିଥିଲେ। ସନ୍ଧ୍ୟାରେ ଫୁଲ ସୁନ୍ଦରୀ ସାହିସ୍ଥିତ ସି.ଏଚ୍.ତ୍ରିନାଥଙ୍କ ଘରୁ ବାଉଁଶ ପାତିରେ ନିର୍ମିତ ସ୍ୱତନ୍ତ୍ର ଟାଙ୍ଗୁଡ଼ିକୁ ସଜା ଯାଇଥିଲା। ଏହାପରେ ଷଣ୍ଢ ମହାନ୍ତି ସାହିର କାଶୀନାଥ ରାଉଳଙ୍କ ଘରୁ ଆସିଥିବା ଇଟମଳା ଫୁଲକୁ ଟାଙ୍ଗୁଡ଼ିରେ ରଖାଯାଇ ଚାଉଳ, ଗୁଆ, ହଳଦୀ ଓ ଦୀପ ଲଗାଇ ସଂକଳ୍ପ କରାଯାଇଥିଲା। ପିତ୍ତଳ ଗ୍ରାମର ଚୁନା ପାତ୍ର ଓ ଆମ୍ବପୁଆର ଯୋଗୀ ପାତ୍ର ଏହି ଦାୟିତ୍ୱ ତୁଲାଇଥିବା ଜଣାପଡ଼ିଛି। ସନ୍ଧ୍ୟାରେ ଦେଶୀ ବେହେରା ସାହି ସ୍ଥିତ ଅସ୍ଥାୟୀ ମଣ୍ଡପର ୪ ଦିଗକୁ ବନ୍ଧନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ରାତିରେ ଆଜ୍ଞାମାଳ ନିମନ୍ତେ ଦେଶୀ ବେହେରା ସାହିଠାରୁ ସ୍ୱଳ୍ପସଂଖ୍ୟକ ଲୋକଙ୍କ ଶୋଭାଯାତ୍ରା ବାହାରି ବୁଢ଼ୀ ଠାକୁରାଣୀ ମନ୍ଦିରରେ ପହଞ୍ଚିଲା। ମନ୍ଦିର ଭିତରେ ରୀତିନୀତି ସହ ପୂଜାର୍ଚ୍ଚନା କରାଯାଇଥିଲା। ଟାଙ୍ଗୁଡିରେ ଅଣାଯାଇଥିବା ଫୁଲମାଳକୁ ଠାକୁରାଣୀଙ୍କ ପ୍ରତିମା ଉପରେ ରଖାଯାଇଥିଲା। ପ୍ରତିମାରୁ ଫୁଲମାଳ ଖସିବା ପରେ ବାପଘରକୁ ଯିବାପାଇଁ ମା’ଙ୍କ ଅନୁମତି ମିଳିଲା ବୋଲି ସୂଚନା ଦିଆଯାଇଥିଲା। ଏହାପରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଟାଙ୍ଗୁଡିରେ ମା’ଙ୍କ ଆଜ୍ଞାମାଳକୁ ଧରି ଦେଶୀବେହେରା ଦମ୍ପତି ଅସ୍ଥାୟୀ ମଣ୍ଡପ ଅଭିମୁଖେ ବାହାରିଥିଲେ। ଭୋର ୩ଟା ମଧ୍ୟରେ ମା’ଙ୍କ ଅସ୍ଥାୟୀ ମନ୍ଦିରକୁ ପହଞ୍ଚିବା ପାଇଁ ସିଦ୍ଧାନ୍ତି ପୁରୋହିତ ଅମୃତବେଳା ଦେଇଥିଲେ।

ସୂଚନାଯୋଗ୍ୟ, ପୂର୍ବରୁ ଅସ୍ଥାୟୀ ମଣ୍ଡପରେ ମା’ ମାସେ ପର୍ଯ୍ୟନ୍ତ ରହି ମହାଆଡ଼ମ୍ବରରେ ବିଭିନ୍ନ ସାହି ପରିକ୍ରମା କରୁଥିଲେ। ଏଥିପାଇଁ ଜିଲା ତଥା ରାଜ୍ୟ ବାହାରୁ ବହୁ ଲୋକଙ୍କ ସମାଗମ ହେଉଥିଲା। ଚଳିତଥର କିନ୍ତୁ କରୋନା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୭ ଦିନ ଯାତ୍ରା ପାଇଁ ଅନୁମତି ମିଳିଛି। ପରେ ସ୍ଥିତିକୁ ଦେଖି ଓ ଶ୍ରଦ୍ଧାଳୁମାନେ କୋଭିଡ୍ ନିୟମ ମାନି ଶୃଙ୍ଖଳିତ ଦର୍ଶନ କଲେ ଯାତ୍ରା ଅବଧି ବଢ଼ାଯାଇପାରେ ବୋଲି ନିଷ୍ପତି ହୋଇଛି। ତେବେ ମା’ଙ୍କ ଘଟ ସାହି ପରିକ୍ରମା, କଳାକୁଞ୍ଚି, ମାନସିକଧାରୀଙ୍କ ବେଶ, ଭୋଗ ଦୀପ ଲଗାଇବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଶନିବାର ମା’ ଅସ୍ଥାୟୀ ମଣ୍ଡପରେ ବିଶ୍ରାମ ନେବେ। ରବିବାର ମହୁରି ରାଜବାଟିକୁ ଯାଇ ସେଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ପୁଣି ଅସ୍ଥାୟୀ ମଣ୍ଡପକୁ ଫେରିବେ। ରାଜବାଟିକୁ ଯିବାବେଳେ ବ୍ୟାରିକେଡ ନିର୍ମାଣ କରାଯିବାକୁ ନିଷ୍ପତି ହୋଇଛି।


ମା’ ବୁଢ଼ୀ ଠାକୁରାଣୀ।


ମା’ବୁଢ଼ୀ ଠାକୁରାଣୀଙ୍କୁ ନିମନ୍ତ୍ରଣ କରିବାକୁ ଆସିଥିବା ପି.ଦୁର୍ଗାପ୍ରସାଦ ଦେଶୀବେହେରା।


ଦେଶୀବେହେରା ସାହିରେ ପୋଲିସ।


ମା’ଙ୍କୁ ଆଣିବା ପାଇଁ ବାହାରିଥିବା ଶୋଭାଯାତ୍ରା।

## ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଗଞ୍ଜାମରୁ ୯

**ବ୍ରହ୍ମପୁର ଅଫିସ, ୯।୪**

ଓଡ଼ିଶା ବଡ଼ି ବିଲ୍ଡିଂ ଆସୋସିଏଶନ ଦ୍ୱାରା ଆୟୋଜିତ ହେବାକୁ ଥିବା ମିଷ୍ଟର ଓଡ଼ିଶା ପ୍ରତିଯୋଗିତାରେ ଭାଗ ନେବାକୁ ଗଞ୍ଜାମର ୯ ପ୍ରତିଯୋଗୀ ଗୁରୁବାର ବ୍ରହ୍ମପୁରରୁ ରାଉରକେଲା ଅଭିମୁଖେ ଯାତ୍ରା କରିଛନ୍ତି। ଏହି ପ୍ରତିଯୋଗୀତା ଶନିବାର ଓ ରବିବାର ରାଉରକେଲାର ସିଭିକ୍ସ ସେଣ୍ଟର ହଲରେ ହେବ। ବ୍ରହ୍ମପୁର ବଡ଼ିବିଲଡ଼ିଙ୍ଗ ଓ ଫିଟସେନ ସଂଘର ସମ୍ପାଦକ ଏସ.ଧର୍ମା ଆଚାରୀ, କୋଚ୍ କିଶୋର ବିଷୋୟୀଙ୍କ ସମେତ ପ୍ରତିଯୋଗୀ ବିରଜା ପ୍ରସାଦ ଦାସ, ରାଜେନ୍ଦ୍ର ପଣ୍ଡା, ଚନ୍ଦନ ପାଣିଗ୍ରାହୀ, ସୁନୀଲ ସେଠୀ, ଅତିଶ କୁମାରମଲୋ ପ୍ରମୁଖ ରାଉରକେଲା ଯାତ୍ରା କରିଛନ୍ତି। ବ୍ରହ୍ମପୁର ବଡ଼ିବିଲଡ଼ିଙ୍ଗ ସଂଘ ସଭାପତି ଆନନ୍ଦ ମହାଙ୍କୁଡ଼ ଓ ସଦସ୍ୟମାନେ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


କୋଚଙ୍କ ସହ ପ୍ରତିଯୋଗୀମାନେ।

## ମହାନଗରରେ ଦିନକରେ ୧୬ ପଜିଟିଭ୍

**ବ୍ରହ୍ମପୁର ଅଫିସ୍,୯।୪**

ବ୍ରହ୍ମପୁର ମହାନଗରରେ ଶୁକ୍ରବାର ଆଉ ୧୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଧର୍ମନଗର ଅଞ୍ଚଳର ଜଣେ ପୁରୁଷ, ଗଜପତି ନଗରର ଜଣେ ମହିଳା, ଏମ୍‌କେସିଜିରେ ଜଣେ ପୁରୁଷ ଓ ଜଣେ ମହିଳା, ସିଦ୍ଧାର୍ଥ ନଗର ପ୍ରଥମ ଲାଇନ୍‌ର ଜଣେ ମହିଳା, ପୋଲିସ୍ କଲୋନୀର ଜଣେ ମହିଳା, ଗଜପତି ନଗର ୭ମ ଲାଇନ୍‌ର ଜଣେ ପୁରୁଷ, ଗଜପତି ନଗର ତୃତୀୟ ଲାଇନ୍‌ର ଜଣେ ମହିଳା, ପ୍ରେମ ନଗର ଅଞ୍ଚଳର ଜଣେ ମହିଳା, ଗଜପତି ନଗର ୭ମ ଲାଇନ୍‌ର ଜଣେ ପୁରୁଷ, ବୈକୁଣ୍ଠ ନଗର ୨ୟ ଲାଇନ୍‌ର ଜଣେ ପୁରୁଷ, ପ୍ରେମ ନଗର ୬ଷ୍ଠ ଲାଇନ୍‌ର ଜଣେ ପୁରୁଷ, ଜ୍ୟୋତି ନଗରରେ ଜଣେ ମହିଳା ଓ ୨ ଜଣ ପୁରୁଷ ଏବଂ ଏମ୍‌କେସିଜିରେ ଅନ୍ୟ ଜଣେ ମହିଳା ପଜିଟିଭ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଶୁକ୍ରବାର ମହାନଗରରେ ୧୪୪୧ ଜଣ କରୋନା ଟିକା ନେଇଛନ୍ତି।

## ହତ୍ୟା ଉଦ୍ୟମ ମାମଲାରେ ଦମ୍ପତି ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ୍,୯।୪**

ଗଞ୍ଜାମ ଜିଲା ଦୌରାଜଜ୍ ରାମଶଙ୍କର ହୋତା ଶୁକ୍ରବାର ଏକ ହତ୍ୟା ଉଦ୍ୟମ ମାମଲାର ଶୁଣାଣି କରି ଦମ୍ପତିଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଦିଗପହଣ୍ଡି ଥାନା ଅନ୍ତର୍ଗତ ସାହାସପୁର ଗ୍ରାମର ଏମ୍. ରବି ଦୋରା ଓ ସ୍ତ୍ରୀ ଏମ୍.ଲକ୍ଷ୍ମୀ ଦୋରା। ୨୦୨୦ ଜୁନ୍ ୧୭ରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସାହାସପୁରର ଟି.ସିମାଦ୍ରୀ ଦୋରାଙ୍କୁ ଦମ୍ପତି ଆକ୍ରମଣ କରିବା ସହ ପଥରରେ ଛେଚି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ସିମାଦ୍ରୀଙ୍କ ସ୍ତ୍ରୀ ଟି.କୁନ୍ତାଲୁ ଦୋରାଙ୍କ ଅଭିଯୋଗ କ୍ରମେ ଦିଗପହଣ୍ଡି ଥାନାରେ ନଂ.୧୪୧/୨୦ରେ ଏକ ମାମଲା ରୁଜୁ କରି ଦମ୍ପତିଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ପରେ ସେମାନେ ଜାମିନ୍ ପାଇଥିଲେ। ଏହି ମାମଲାର ବିଚାର ବେଳେ ମୋଟ ୬ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ଅଭାବରୁ ଦମ୍ପତିଙ୍କୁ କୋର୍ଟ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ତରଫରୁ କ୍ୟାଡର୍ ପିପି ତ୍ରିଲୋଚନ ପରିଡ଼ା ଓ ମୁଦାଲାଙ୍କ ତରଫରୁ ଅକ୍ଷୟ ପଟ୍ଟନାୟକ, ପରେଶ ରଥ, ବରୁଣ ଗୌଡ଼ ମକଦ୍ଦମା ପରିଚାଳନା କରିଥିଲେ।

## ବୋମାମାଡ଼ ଘଟଣା, ଜେଲ ଗଲେ ଅଭିଯୁକ୍ତ

**ବ୍ରହ୍ମପୁର ଅଫିସ,୯।୪**

ସଦର ଥାନା ଅନ୍ତର୍ଗତ ଶ୍ରୀରଙ୍ଗରାଜପୁର ଗ୍ରାମରେ ବୁଧବାର ମଧ୍ୟରାତିରେ ଜଣେ ଯୁବକଙ୍କ ଘରକୁ ବୋମାମାଡ କରି ପରିବାରକୁ ହତ୍ୟା ଉଦ୍ୟମ ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଶ୍ରୀରଙ୍ଗରାଜପୁର ଗ୍ରାମର ମଣ୍ଟୁ ପାଣିଗ୍ରାହୀ। ମାମଲା ନଂ.୯୯/୨୧ରେ ତାଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାପରେ ମଣ୍ଟୁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ମଣ୍ଟୁଙ୍କ ଜଣେ ସହଯୋଗୀ ଫେରାର ଥିବା ପୋଲିସ କହିଛି। ବୁଧବାର ସନ୍ଧ୍ୟାରେ ଶ୍ରୀରଙ୍ଗରାଜପୁର ଗ୍ରାମର ପି. ତ୍ରିଲୋଚନ ପାତ୍ର ଜଗଦଳପୁର ଗ୍ରାମରେ ଚାଲିଥିବା ଦଣ୍ଡନାଚ ଦେଖୁଥିଲେ। ଏହି ସମୟରେ ମଣ୍ଟୁ ଓ ତାଙ୍କ ସହଯୋଗୀ ସେଠାରେ ପହଞ୍ଚି ପୂର୍ବ ଶତ୍ରୁତାକୁ ନେଇ ତ୍ରିଲୋଚନଙ୍କ ସହ ଝଗଡା କରିଥିଲେ। ପରେ ମଣ୍ଟୁ ଓ ତାଙ୍କ ସହଯୋଗୀ ପ୍ରତିଶୋଧ ନେବା ପାଇଁ ବିଳମ୍ବିତ ରାତିରେ ବାଇକ୍‌ରେ ଶ୍ରୀରଙ୍ଗରାଜପୁର ଗ୍ରାମକୁ ତ୍ରିଲୋଚନଙ୍କ ଘର ଉପରକୁ ୨ଟି ବୋମା ଫିଙ୍ଗି ପଳାଇଥିଲେ। ବୋମା ଫୁଟିବାରୁ ପରିବାର ଲୋକେ ଭୟଭୀତ ହୋଇପଡିଥିଲେ ମଧ୍ୟ କାହାରି କିଛି କ୍ଷତି ହୋଇ ନ ଥିଲା। ଖବରପାଇ ପୋଲିସ ପହଞ୍ଚି ବୋମା ଟୁକୁଡ଼ା ଜବତ କରିଥିଲା। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ ମଣ୍ଟୁଙ୍କୁ କାବୁ କରିଥିଲା।



## ଜଜ୍ ସ୍ତରରେ ଅଦଳବଦଳ

**ବ୍ରହ୍ମପୁର ଅଫିସ,୯।୪**

ରାଜ୍ୟର ବିଭିନ୍ନ କୋର୍ଟର ଜଜ୍‌ଙ୍କ ମଧ୍ୟରେ ଅଦଳବଦଳ କରାଯାଇଛି। ଗଞ୍ଜାମ ଜିଲା ଦୌରାଜଜ୍ ରାମଶଙ୍କର ହୋତାଙ୍କୁ କଟକସ୍ଥିତ ରାଜ୍ୟ ଆଇନ ସେବା ପ୍ରାଧିକରଣର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଗଞ୍ଜାମ ଜିଲା ଦୌରାଜଜ୍ ଭାବେ ଭୁବନେଶ୍ୱର ଆଇନ ବିଭାଗର ସଚିବ ଥିବା ନିଶିକାନ୍ତ ମିଶ୍ରଙ୍କୁ ବଦଳି ହୋଇଛି। ସେହିପରି ଏଡିଜେ-୩ ନିରଞ୍ଜନ ଜେନାଙ୍କୁ ପୁରୀ ପରିବାର କୋର୍ଟ ଜଜ୍ ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଏଡିଜେ (ଏଲ୍‌ଆର୍) ରାଜଶ୍ରୀ ମହାପାତ୍ରଙ୍କୁ ଏଡିଜେ-୩ ଭାବେ ନୂତନ ଦାୟିତ୍ୱ ଦିଆଯାଇଛି।

सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Ltd.)
Gondwana Place, Kanke Road, Ranchi - 834031, Jharkhand, India

**NOTICE**

**"Due to outburst of COVID-19, the written test for recruitment to the post of Jr. Sc. Asst. Gr.II in CMPDI scheduled to be held on 11.04.2021 has been postponed till further order."**

सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Ltd.)
Gondwana Place, Kanke Road, Ranchi - 834031, Jharkhand, India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM portal **https://gem.gov.in"**

**OFFICE OF THE MUNICIPAL COUNCIL, SUNABEDA**

Letter No.1250 Date:8.4.21

**TENDER CALL NOTICE**

No.-C-60:- Sealed tenders are invited from intending Company Authorized Dealers to supply and fitting of playing equipments, fountain, outdoor GYM Equipment & topiary for fixing at different parks of Sunabeda Municipality.

The sealed tender should reach before the undersigned on or before 20.04.2021 by 1.00 P.M. and the same will be opened on the same day at 4.00 P.M. in presence of the tenderers or their authorized agents in the Office of Municipal Council, Sunabeda. The tender reached after due date will not be entertained.

i) The rate should be tendered including all taxes and delivery charges. The tenderers should submit the GST clearance certificate upto March-2021, Pan Card etc. along with the tender paper.
ii) The civil work will be inspected by the technical persons of the Municipality and all the equipments installation shall be under keen supervision of technical persons of Sunabeda Municipality.
iii) The required EMD of Rs.15,000/- (Rupees fifteen thousand only) & the cost of tender paper of Rs.2000/- (Rupees two thousand only) non refundable should be submit separately in shape of Demand Draft/Banker Cheques from any Nationalized Bank drawn in favour of the Executive Officer, Sunabeda Municipality, failing which the tender will be rejected. The tender paper shall be available from 09.04.2021 at 11.00 A.M. to 19.04.2021 at 5.00 P.M. in our office website i.e. www.sunabedamunicipality.in.
iv) The bill will be paid after certification of technical persons of the Municipality.
v) The undersigned reserves the rights to accept or reject any or all the tender without assigning any reason thereof.

**Sd./- Executive Officer, Sunabeda Municipality**
OIPR-13076/11/0001/2122

## ଅନରସିଂ ଗ୍ରାମରେ ପାନୀୟ ଜଳ ସଙ୍କଟ

**ଆର.ଉଦୟଗିରି, ୯।୪(ଡି.ଏନ.ଏ.)**

ଗ୍ରୀଷ୍ମର ଆରମ୍ଭରୁ ବିଭିନ୍ନ ଜଳାଶୟ ଶୁଖିବାରେ ଲାଗିଛି। ମୁନ୍ଦାଏ ପାଣି ପାଇଁ ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଅନରସିଂ ଗ୍ରାମବାସୀ ଡହଳବିକଳ ହେଉଛନ୍ତି। ଗାଁରେ ଥିବା ସମସ୍ତ କୂଅ ଓ ପୋଖରୀ ଶୁଖିଯାଇଛି। ଗ୍ରାମର ନିର୍ମାଣ ହୋଇଥିବା ନଳକୂପରୁ ମଧ୍ୟ ପାଣି ବାହାରୁନି। ଫଳରେ ମାଇଲ ମାଇଲ ଦୂରକୁ ଯାଇ ଦୂଷିତ ଝରଣା ପାଣି ଆଣିବାକୁ ବାଧ୍ୟ ହେଉଛନ୍ତି ଗ୍ରାମବାସୀ। ଝରଣା ବି ଶୁଖିବାରେ ଲାଗି ଥିବାରୁ ଚୁଆଁ ପାଣିକୁ ଲୋକମାନେ ବ୍ୟବହାର କରୁଛନ୍ତି। ଅନରସିଂ ଓ ଗାଁ ପାଖରେ ଥିବା ବସାରେ ୬୦ ପରିବାର ରହୁଛନ୍ତି। ପଞ୍ଚାୟତଠାରୁ ମାତ୍ର ୫ କିମି ଦୂରରେ ଏହି ଗାଁ ଅବସ୍ଥିତ। ଏହି ଆଦିବାସୀ ଗ୍ରାମକୁ ଗମନାଗମନ ପାଇଁ ଭଲ ରାସ୍ତାଟିଏ ନାହିଁ । ଭୋଟ ବେଳେ ବିଭିନ୍ନ ପ୍ରତିନିଧି ଗାଁକୁ ଆସି ପ୍ରତିଶ୍ରୁତି ଦେଉଛନ୍ତି। କିନ୍ତୁ ପରେ କାହାର ଦେଖା ମିଳୁନାହିଁ। ଗ୍ରାମଠାରୁ ଅଧ କିଲୋମିଟର ଦୂରରେ ଥିବା ଏକ କୂଅରୁ ପାଇପ ଯୋଗେ ବିଦ୍ୟୁତ୍ ମୋଟର ଦ୍ୱାରା ଗାଁକୁ ଜଳ ଯୋଗାଣ କରିବା ପାଇଁ ପ୍ରଶାସନକୁ ବାରମ୍ବାର ଜଣାଇଲେ ମଧ କୌଣସି ସୁଫଳ ମିଳୁନାହିଁ। ଗାଁ ରାସ୍ତା ଉନ୍ନତୀକରଣ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଅନୁଦାନ ଆସୁଥିଲେ ହେଁ ବିଭାଗୀୟ ଅଧିକାରୀ-ଠିକାଦାରଙ୍କ ମଧୁଚନ୍ଦ୍ରିକାରେ କାମ ସବୁ ନିମ୍ନମାନର ହେଉଛି। ଫଳରେ ନିର୍ମାଣର ଅଳ୍ପ ମାସ ପରେ ତାହା ସମ୍ପୂର୍ଣ୍ଣ ଭାଙ୍ଗି ଯାଉଛି ବୋଲି ଉକ୍ତ ଗାଁବାସୀ କହିଛନ୍ତି। ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏବେ ବି ପଛୁଆ ଅଞ୍ଚଳ ଭାବେ ଅନରସିଂ ଗ୍ରାମ ରହିଛି। ତେବେ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ କହିଛନ୍ତି।


ପାଣି ପାଇଁ ମହିଳାଙ୍କ ଭିଡ଼।

